## ପ୍ରେସ୍ ନୋଟ୍

# ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅନୁଗୋଳ ଜିଲ୍ଲା ଗସ୍ତ ।

## ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ବାର୍ଷିକ ନିରୀକ୍ଷଣ (Inspection) ।

ଅନୁଗୋଳ,ତା.୨୨.୧୨:- ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ.ସୁରେଶ କୁମାର ଦଳେଇ ଆଜି ଅନୁଗୋଳ ଜିଲ୍ଲାକୁ ଗସ୍ତରେ ଆସି କୋର୍ଟ କାର୍ଯ୍ୟ, ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲା ସବ୍ ରେଜିଷ୍ଟର କାର୍ଯ୍ୟାଳୟର ବାର୍ଷିକ ନିରୀକ୍ଷଣ (Inspection) କରିଥିଲେ । ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ କମିଶନର ଯୋଗ ଦେଇ ଜିଲ୍ଲାର ମାନ୍ୟତା ପାଇବା ପରେ ଜିଲ୍ଲାରେ ଆବଶ୍ୟକ ସରକାରୀ କର୍ମଚାରୀଙ୍କ ବାସଗୃହ ନଥିବାରୁ ତୁରନ୍ତ ସରକାରଂକୁ ବାସଗୃହ ନିର୍ମାଣ ନିମନ୍ତେ ପ୍ରସ୍ତାବ ପଠାଇବାକୁ ପରାମର୍ଶ ଦେଇଛନ୍ତି । ସୂଚନା ଅଧିକାର ଆଇନ୍ ସରକାରଂକ ଏକ ଯୁଗାନ୍ତକାରୀ ପଦକ୍ଷେପ ଏଥିରେ ଆବେଦନ ହୋଇଥିବା ଦରଖାସ୍ତ ଫର୍ମ ମାସ ମାସ ଧରି ପଡି ରହିଥିବାରୁ ତୁରନ୍ତ ଏହାର ବିହିତ ପଦକ୍ଷେପ ନେବା ସହ ଦରଖାସ୍ତ ଗୁଡିକର ଆବଶ୍ୟକ ସୂଚନା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ସୁଦ୍ଧା ୪୨୫ ଦରଖାସ୍ତ ଗ୍ରହଣ କରାଯାଇ ୪୧୮ ଜଣ ଦରଖାସ୍ତକାରୀଙ୍କୁ ସୂଚନା ପ୍ରଦାନ କରାଯାଇଛି ବୋଲି କମିଶନର ଜାଣିବାକୁ ପାଇଥିଲେ । ଜନ ଅଭିଯୋଗ ଶୁଣାଣି ବା ଜନ ଶୁଣାଣି ପୋର୍ଟାଲର ସଫଳ କାର୍ଯ୍ୟକାରିତା ଉପରେ କମିଶନର ଗୁରୁତ୍ୱାରୋପ କରିଥିଲେ । ଯେତିକି ଅଭିଯୋଗ ଗ୍ରହଣ କରାଯାଉଛି ସେଗୁଡିକର ସଠିକ୍ ସମୟରେ ଶୁଣାଣି କଲେ ସାଧାରଣ ଗରିବ ଲୋକ ଉପକୃତ ହେବେ ବୋଲି ସେ ମତବ୍ୟକ୍ତ କରିଥିଲେ । ଓଡିଶା ରାଜସ୍ୱ ସେବାର ଖାଲିଥିବା ପଦବୀଗୁଡିକୁ ତୁରନ୍ତ ପୁରଣ କରିବାକୁ ସେ ପରାମର୍ଶ ଦେଇଥିଲେ । ରାଜସ୍ୱ ନିରିକ୍ଷକ, ଅମିନ,ପିଅନ,ଶିକ୍ଷିତ ପିଅନ,ଦପ୍ତରି ଓ ଏ ଆର ଆଇ ପଦବୀ ପାଇଁ ତୁରନ୍ତ ପ୍ରସ୍ତାବ ପଠାଇବାକୁ କମିଶନର ପରାମର୍ଶ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ଗ୍ରୁପ୍ 'ଡି' ରେ ୧୯୨ଟି ପଦବୀ ଖାଲି ଅଛି । ଏହାକୁ ପୁରଣ କରିବା ନିମନ୍ତେ ପ୍ରସ୍ତାବ ପଠାଇବାକୁ ସେ ପରାମର୍ଶ ଦେଇଛନ୍ତି । ସମାଧାନ ହୋଇନଥିବା ୩୬ଟି କୋର୍ଟ କେଶ୍‌କୁ ସତର୍କତାର ସହିତ ଓ ପ୍ରତିବାଦୀଙ୍କ ପ୍ରତି ତାର ଦାୟିତ୍ୱର ପରିମାଣ ସପକ୍ଷରେ ନ୍ୟାୟାଳୟରେ ଉପସ୍ଥିତି ହୋଇ ବାଦୀଙ୍କ ମୋକଦ୍ଦମାର ଉତ୍ତର ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ପଡି ରହିଥିବା ୪ଟି ପୁନର୍ବାସ(Rehabilitation) ଦରଖାସ୍ତ ଉପରେ ତୁରନ୍ତ ପଦକ୍ଷେପ ନିଆଯାଇ ଚାକିରି ଦେବାକୁ ଗୁରୁତ୍ୱାରୋପ କରିଥିଲେ । ଏହାଛଡା ପେନସନ୍ କେଶ୍ ,ଜମି ରେକର୍ଡ ବା ଲିଜ୍ କେଶ୍ , ଜବରଦଖଲ, ଦାଖଲଖାରଜ, ସରକାରୀ ଯାଗାର ସୁରକ୍ଷା ନିମନ୍ତେ ଉପଲବଧ ସରକାରୀ ଅର୍ଥରେ ପାଚେରୀ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ । ମାର୍ଚ୍ଚ ସୁଦ୍ଧା ସମସ୍ତ ଲକ୍ଷ୍ୟ ପୁରଣ କରି ପଡିରହିଥିବା କାର୍ଯ୍ୟକୁ ଶେଷ କରିବାକୁ କମିଶନର ପରାମର୍ଶ ଦେଇଥିଲେ । ଏହାଛଡା କମିଶନର ବୈଠକରେ ଖଣି ଅଂଚଳର ଜମି ଅଧିଗ୍ରହଣ,ନିରାମୟ ଯୋଜନାର କାର୍ଯ୍ୟକାରିତା, ମା ଓ ଶିଶୁ ମୃତ୍ୟୁହାର କମାଇବା ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ସବ୍ ରେଜିଷ୍ଟାର କାର୍ଯ୍ୟାଳୟର ବାର୍ଷିକ ନିରୀକ୍ଷଣ କରିବା ସହ ପଡି ରହିଥିବା ପୁରାତନ କେଶ୍‌ଗୁଡିକୁ ତୁରନ୍ତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ନିଜ ମାନସିକତାରେ ପରିବର୍ତ୍ତନ ଆଣି ବିଭିନ୍ନ ସେବା ପାଇବାକୁ ଆସୁଥିବା ଲୋକମାନଂକୁ ସହଯୋଗର ହାତ ବଢାଇଲେ ସେମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି କମିଶନର ପରାମର୍ଶ ଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ କୋଭିଡର ସଠିକ୍ ମୁକାବିଲା ନିମନ୍ତେ ସମସ୍ତେ ଏହି ନିୟମକୁ କଡାକଡି ପାଳନ କରିବା ସହ ନିୟମିତ ହାତ ସଫା କରିବା,ସାମାଜିକ ଦୂରତା ଅବଲମ୍ବନ କରିବା ଓ ମାସ୍କ ସର୍ବଦା ପରିଧାନ କରିବାକୁ କମିଶନର ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁ , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍‌ଙ୍କ ସମେତ ବିଭିନ୍ନ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ ।


8 DECENT WORK AND ECONOMIC GROWTH
JK Sparkle
kinley